# NATIONAL NEWS BULLETIN (ODIA)
## 16th August - 2025
## Morning Bulletin : 7.15 a.m.

************************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଦେଶର ୧ ହଜାର ୧୫୦ଟି ଟୋଲ୍ ପ୍ଲାଜାରେ କାର୍ଯ୍ୟକାରୀ ହେଲା ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ସୁବିଧା ।
- ସାରା ଦେଶରେ ଆଜି ପାଳନ କରାଯାଉଛି ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀ ।
- ଭାରତକୁ ବିଶ୍ୱର କ୍ରୀଡ଼ା ହବ୍ ଭାବେ ପରିଚୟ ଦେବା ଲାଗି ଖେଲୋ ଇଣ୍ଡିଆ ନୀତି ପ୍ରଣୟନ କରାଯାଇଥିବା କହିଛନ୍ତି ପ୍ରଧାନମନ୍ତ୍ରୀ ।
- ନାଗାଲାଣ୍ଡ ରାଜ୍ୟପାଳ ଲା ଗଣେସନ୍‌ଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ଏବଂ

- ଏସୀୟ ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାଗ ନେଉଛନ୍ତି ୧୬୪ ଜଣ ଭାରତୀୟ ଖେଳାଳି ।

## ଏନ୍.ଏଚ୍.ଏ.ଆଇ.- ଫାସ୍ଟ୍ୟାଗ୍ ଆନୁଆଲ୍ ପାସ୍

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ. ଗତକାଲିଠାରୁ ଦେଶର ପ୍ରାୟ ୧ ହଜାର ୧୫୦ଟି ଟୋଲ୍ ପ୍ଲାଜାରେ ଫାସ୍ଟ୍ୟାଗ୍ ବାର୍ଷିକ ପାସ୍ ସୁବିଧା କାର୍ଯ୍ୟକାରୀ କରିଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସୁବିଧା କାର୍ଯ୍ୟକାରୀ ହେବାର ପ୍ରଥମ ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୧ ଲକ୍ଷ ୪୦ ହଜାରରୁ ଅଧିକ ଉପଭୋକ୍ତା ବାର୍ଷିକ ପାସ୍ କିଣି ସକ୍ରିୟ କରିଛନ୍ତି । ଟୋଲ୍ ପ୍ଲାଜାରେ ଏହି ସମୟ ମଧ୍ୟରେ ପ୍ରାୟ ୧ ଲକ୍ଷ ୪୦ ହଜାର କାରବାର ରେକର୍ଡ଼ କରାଯାଇଛି । ପାସ୍ ବ୍ୟବହାରକାରୀମାନଙ୍କୁ ସୂଚନା ଦେବାଲାଗି ପ୍ରତ୍ୟେକ ଟୋଲ୍ ପ୍ଲାଜାରେ ଏନ୍.ଏଚ୍.ଏ.ଆଇ. ଅଧିକାରୀ ଓ ନୋଡାଲ୍ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି ।

ସୂଚନା ଅନୁଯାୟୀ, ବାର୍ଷିକ ୩ ହଜାର ଟଙ୍କାର ଏକକାଳୀନ ଶୁଳ୍କ ପ୍ରଦାନଦ୍ୱାରା ବାରମ୍ବାର ଫାସ୍ଟ୍ୟାଗ୍ ରିଚାର୍ଜ କରିବାକୁ ପଡ଼ିବ ନାହିଁ । ଏହି

ପାସ୍ ଜରିଆରେ ଗୋଟିଏ ବର୍ଷ କିମ୍ୱା ୨୦୦ଟି ଟୋଲ୍ ପ୍ଲାଜା ଅତିକ୍ରମ କରିବା ସୁବିଧା ରହିଛି । ଶୁଣନ୍ତୁ ଏକ ରିପୋର୍ଟ :

***Voice (Gadkary)*** ।:............

## ଜନ୍ମାଷ୍ଟମୀ

ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ-ଜନ୍ମାଷ୍ଟମୀ ପର୍ବ ଆଜି ସାରାଦେଶରେ ପାଳନ କରାଯାଉଛି । ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରାର୍ଥନା କରିବା ଲାଗି ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗିରହିଛି । ଉତ୍ତର ପ୍ରଦେଶର ମଥୁରା ଏବଂ ବୃନ୍ଦାବନ ଶ୍ରୀକୃଷ୍ଣ ଜନ୍ମ ପାଳନ ଲାଗି ପ୍ରସ୍ତୁତ ରହିଛି । ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ବାଙ୍କେବିହାରୀ ମନ୍ଦିର, ପ୍ରେମ୍ ମନ୍ଦିର, ଇସ୍କନ୍ ମନ୍ଦିର ଏବଂ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିରକୁ ସୁନ୍ଦର ଭାବରେ ସଜାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନ୍ମାଷ୍ଟମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜନ୍ମାଷ୍ଟମୀ ସମସ୍ତଙ୍କପାଇଁ ଆନନ୍ଦ ଏବଂ ଉତ୍ସାହର ପର୍ବ ହେଉ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି । ସେ କହିଛନ୍ତି, ଭଗବାନ୍ ଶ୍ରୀକୃଷ୍ଣଙ୍କ ଜୀବନ ଏବଂ ଶିକ୍ଷା ଲୋକମାନଙ୍କୁ ଆତ୍ମବିକାଶ ଓ ଆତ୍ମଦର୍ଶନପାଇଁ ପ୍ରେରଣା ଦେଇଥାଏ । ରାଷ୍ଟ୍ରପତି କହିଛନ୍ତି, ପ୍ରଭୁ ଶ୍ରୀକୃଷ୍ଣ ଧର୍ମର ପଥ ଅନୁସରଣ କରି ପରମ ସତ୍ୟ ପ୍ରାପ୍ତି ବିଷୟରେ ମାନବତାକୁ ଆଲୋକିତ କରିଥିଲେ । ଏହି ପର୍ବ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କଦ୍ୱାରା ଅନନ୍ତ ମୂଲ୍ୟବୋଧକୁ ଗ୍ରହଣ କରିବା ଲାଗି

ଜନମାନସକୁ ପ୍ରେରଣା ଦେଇଥାଏ ବୋଲି କହିବା ସହ ସମାଜ ଓ ରାଷ୍ଟ୍ରକୁ ଆହୁରି ମଜବୁତ କରିବା ଲାଗି ସଙ୍କଳ୍ପ ନେବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

## ପି.ଏମ୍. - ଖେଲୋ ପଲିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, କେନ୍ଦ୍ର ସରକାର ଦେଶରେ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବାପାଇଁ ଖେଲୋ ଇଣ୍ଡିଆ ନୀତି ପ୍ରଣୟନ କରିଛନ୍ତି । ଅଣାଅଶୀତମ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାର ପ୍ରାଚୀରରୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଏହି ନୀତିଦ୍ୱାରା ଦେଶରେ କ୍ରୀଡ଼ା ଇକୋସିଷ୍ଟମ୍‌ର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ କରାଯାଇପାରିବ । ଶ୍ରୀ ମୋଦି କହିଛନ୍ତି, ଖେଲୋ ଇଣ୍ଡିଆ ଅଧୀନରେ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା, ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଏବଂ ଖେଲୋ ଇଣ୍ଡିଆ ପାରା-କ୍ରୀଡ଼ା ସମେତ ବିଭିନ୍ନ ସ୍ତରରେ ଏବଂ ବର୍ଗରେ ବହୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ବିକାଶ କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବିଷୟରେ ଆଲୋକପାତ କରି ବର୍ତ୍ତମାନ ପିଢ଼ିର ପିତାମାତାଙ୍କ ନିଷ୍ପତ୍ତି ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ଅଧିକରୁ ଅଧିକ କ୍ରୀଡ଼ା

ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଉତ୍ସାହିତ କରୁଛନ୍ତି । ସେ କହିଛନ୍ତି, ଏହା ଦେଶର ଭବିଷ୍ୟତପାଇଁ ଶୁଭ ସଙ୍କେତ । ଭାରତ ୨୦୩୬ରେ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆୟୋଜନ କରିବାକୁ ଯୋଜନା କରିଛି, ଯାହାଫଳରେ ଭାରତ ଏକ ଶକ୍ତିଶାଳୀ କ୍ରୀଡ଼ା ହବ୍ ଭାବେ ପରିଚିତି ହାସଲ କରିପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ସର୍ବାଧିକ ପଦକ ହାସଲ କରିଥିଲା । ପ୍ୟାରିସ୍‌ରେ ଅନୁଷ୍ଠିତ ୨୦୨୪ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ଭାରତ ୬ଟି ପଦକ ଜିତିଥିଲା, ଯେଉଁଥିରେ ୫ଟି କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ଅନ୍ତର୍ଭୁକ୍ତ ଥିଲା ।

***Voice (P.M. sports policy)*** :........

## ପି.ଏମ୍. - ଡେମୋଗ୍ରାଫି ମିଶନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅବୈଧ ପ୍ରବାସ ବିରୋଧରେ ସତର୍କ କରାଇଛନ୍ତି । ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଦେଶର ଜନସଂଖ୍ୟାକୁ ଅବୈଧ ପ୍ରବାସ ବିପଦରେ ପକାଇଛି । ପ୍ରବାସୀମାନଙ୍କଦ୍ୱାରା ସୃଷ୍ଟି ହେଉଥିବା ବିପଦରୁ ରକ୍ଷା କରିବାପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଜନସଂଖ୍ୟା ମିଶନ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ସେ କହିଛନ୍ତି, ଦେଶବାସୀଙ୍କୁ ଏହି ସମସ୍ୟା ବିଷୟରେ ସଚେତନ କରିବାକୁ

ଚାହାନ୍ତି ବୋଲି କହିଛନ୍ତି । ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଅଧୀନରେ ଦେଶର ଜନସଂଖ୍ୟା ପରିବର୍ତ୍ତନ କରାଯାଉଛି ଏବଂ ନୂତନ ସମସ୍ୟା ସୃଷ୍ଟି କରାଯାଉଛି ବୋଲି ଶ୍ରୀ ମୋଦି କହିଛନ୍ତି । ଏହି ସମସ୍ୟା ଫଳରେ ଅନୁପ୍ରବେଶକାରୀମାନେ ଦେଶର ଯୁବପିଢ଼ିଙ୍କ ଜୀବିକା ଛଡ଼ାଇ ନେଉଛନ୍ତି ଏବଂ ସେମାନେ ଆମର ଭଉଣୀ ଓ ଝିଅମାନଙ୍କୁ ଟାର୍ଗେଟ୍ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ଅବୈଧ ପ୍ରବାସୀମାନେ ଆଦିବାସୀଙ୍କୁ ଭ୍ରମିତ କରିବା ସହ ସେମାନଙ୍କ ଜମି ହଡପ କରୁଛନ୍ତି । ଏହାକୁ ବରଦାସ୍ତ କରାଯିବ ନାହିଁ ଏବଂ ସୀମାନ୍ତ ଅଞ୍ଚଳରେ ଜନସଂଖ୍ୟାଗତ ପରିବର୍ତ୍ତନ ଜାତୀୟ ସୁରକ୍ଷାପାଇଁ ଯେଉଁ ବିପଦ ସୃଷ୍ଟି କରିଛି, ତାହାର କଡ଼ା ମୁକାବିଲା କରାଯିବ ବୋଲି ସେ କହିଛନ୍ତି ।

***Voice (PM - Demography) :........***

## ନାଗାଲାଣ୍ଡ - ଗଭର୍ଣ୍ଣର

ନାଗାଲାଣ୍ଡ ରାଜ୍ୟପାଳ ଲା ଗଣେସନ୍ଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାମିଲ୍‌ନାଡୁ ବି.ଜେ.ପି.ର ପୂର୍ବତନ ଅଧ୍ୟକ୍ଷ ଲା ଗଣେସନ୍‌ଙ୍କର ଗତକାଲି ସନ୍ଧ୍ୟା ୬ଟା ୨୩ ମିନିଟ୍‌ରେ ତାମିଲ୍‌ନାଡୁର ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ଘଟିଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣେସନ୍‌ଙ୍କ ପରଲୋକରେ ଗଭୀର ଦୁଃଖ ବ୍ୟକ୍ତ କରିଛନ୍ତି । ଦେଶ ନିର୍ମାଣ ଏବଂ ଦେଶବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିବା ଲା ଗଣେସନ୍ ଜଣେ ଆଗଧାଡ଼ିର ନେତା ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ତାମିଲ୍‌ନାଡୁ ବି.ଜେ.ପି.ର ମୁଖପାତ୍ର ନାରାୟଣ ଥିରୁପତି ମଧ୍ୟ ଗଣେସନ୍‌ଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି ।

ନାଗାଲାଣ୍ଡ ସରକାର ଆଜିଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ୭ ଦିନିଆ ଶୋକ ପାଳନ ଲାଗି ଘୋଷଣା କରିଛନ୍ତି ।

## ଟ୍ରମ୍ପ୍-ପୁତିନ୍ ମିଟିଙ୍ଗ୍

ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ୟୁକ୍ରେନ-ରୁଷ୍ ବିବାଦର ସମାଧାନପାଇଁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ । ଆଲାସ୍କାର ଆଙ୍କୋରେଜ୍’ରେ ଥିବା ଏଲମେଣ୍ଡର୍ଫ-ରିଚାର୍ଡ଼୍‌ସନ୍ ସାମରିକ ଘାଟିରେ ପ୍ରାୟ ୩ ଘଣ୍ଟା ଧରି ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବୈଠକ ପରେ ରୁଷ୍ ରାଷ୍ଟ୍ରପତି ଶ୍ରୀ ପୁତିନ୍ କହିଛନ୍ତି, ସେମାନଙ୍କ ମଧ୍ୟରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ୟୁକ୍ରେନ୍ ବିବାଦ । ସେ ଏହି ସଂଘର୍ଷର ଶେଷ କରିବାକୁ ଆଗ୍ରହୀ ଥିବା କହିଥିଲେ । ଶ୍ରୀ ପୁତିନ୍

କହିଥିଲେ, ରୁଷ୍‌କୁ ଏହି ସଂଘର୍ଷର ପ୍ରାଥମିକ କାରଣଗୁଡ଼ିକ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ତେବେ ସେ ୟୁକ୍ରେନ୍ ଏବଂ ୟୁରୋପକୁ ଶାନ୍ତି ସ୍ଥାପନ ଦିଗରେ କୌଣସି ଅସୁବିଧା ସୃଷ୍ଟି ନ କରିବାଲାଗି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଏହି ବୈଠକକୁ ଅତ୍ୟନ୍ତ ଫଳପ୍ରଦ ବୋଲି କହିଛନ୍ତି । ସେ କହିଛନ୍ତି, ଉଭୟ ଆମେରିକା ଏବଂ ରୁଷ୍ ଆଗାମୀ ଦିନରେ ଅଧିକ ଆଲୋଚନା କରିବା ଲାଗି ଏହି ବୈଠକ ପରେ ସମ୍ଭାବନା ସୃଷ୍ଟି ହୋଇଛି । ସେ କହିଛନ୍ତି, ଆଗାମୀ ଦିନରେ ସେ ୟୁକ୍ରେନ୍ ସମେତ ନାଟୋ ସଦସ୍ୟମାନଙ୍କୁ ମଧ୍ୟ ସାମିଲ୍ ହେବା ଲାଗି ପ୍ରସ୍ତାବ ଦେବେ ।

## ପି.ଏମ୍.

ଅଣାଅଶୀତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଚଳିତବର୍ଷ ଶେଷ ସୁଦ୍ଧା ମେଡ୍ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍‌ସ ଲଞ୍ଚ କରିବ । ଯାହା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶର ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରିବ । ବିଶ୍ୱ ପ୍ରତିଯୋଗିତା ପାଇଁ ଏଆଇ, ସାଇବର୍ ସୁରକ୍ଷା, ଡିପ୍‌ଟେକ୍ ଏବଂ ଅପରେଟିଂ ସିଷ୍ଟମ୍‌ରେ ନବସୃଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ତର୍ଜାତୀୟ ମହାକାଶକେନ୍ଦ୍ରରୁ ଫେରିଥିବା ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ

ଉଲ୍ଲେଖନୀୟ ସଫଳତାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ପାଇଁ ମହତ୍ତ୍ୱାକାଂକ୍ଷୀ ଯୋଜନା ସଂପର୍କରେ ଘୋଷଣା କରିଛନ୍ତି । ମହାକାଶ କ୍ଷେତ୍ରରେ ଭାରତ ଗଗନଯାନ ପାଇଁ ପ୍ରସ୍ତୁତି କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଦେଶରେ ୩୦୦ରୁ ଅଧିକ ଷ୍ଟାର୍ଟଅପ୍', ସାଟେଲାଇଟ୍, ଅନୁସନ୍ଧାନ ଏବଂ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସକ୍ରିୟ ଭାବେ ନବସୃଜନ କରୁଛନ୍ତି, ଯାହା ଭାରତର ମହାକାଶ ବିଜ୍ଞାନ ଏବଂ ଅନୁସନ୍ଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେଉଛି ।

ପ୍ରଧାନମନ୍ତ୍ରୀ ଗତ ୧୦୦ବର୍ଷ ଧରି ରାଷ୍ଟ୍ରସେବାରେ ସମର୍ପିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱେଚ୍ଛାସେବକମାନଙ୍କ ସମର୍ପଣକୁ ସମ୍ମାନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ନିମନ୍ତ୍ରିତ ଅତିଥି ଏବଂ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ ।

## ସ୍ପୋର୍ଟସ୍

ଭାରତୀୟ ଗ୍ରାଣ୍ଡମାଷ୍ଟର୍ ଏମ୍. ପ୍ରଣେଶ ଚେନ୍ନାଇରେ ଚାଲିଥିବା ଗ୍ରାଣ୍ଡମାଷ୍ଟର୍ସ ପ୍ରତିଯୋଗିତାରେ ପରାଜୟ ସତ୍ତ୍ୱେ ଚ୍ୟାଲେଞ୍ଜର୍ସ କ୍ରାଉନ୍ ହାସଲ କରିଛନ୍ତି । ଫାଇନାଲ୍ ମ୍ୟାଚ୍‌ରେ ଭିନ୍‌ସେଣ୍ଟ କିମର୍ କେ. ରବିନ୍‌ସନ୍‌ଙ୍କୁ ପରାସ୍ତ କରି ଟାଇଟଲ୍ ହାସଲ କରିଛନ୍ତି ।

ଏସିଆନ୍ ବନ୍ଧୁକଚାଳନା ପ୍ରତିଯୋଗିତାରେ ୨ ଥରର ଅଲିମ୍ପିକ୍ସ ପଦକ ବିଜେତା ମନୁ ଭାକର ଭାରତର ନେତୃତ୍ୱ ନେଉଛନ୍ତି । କାଜାଖସ୍ତାନରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୮ଟି ଦେଶର ୭୩୪ ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି । ଭାରତ ଉଭୟ ଜୁନିୟର ଏବଂ ସିନିୟର ବିଭାଗରେ ୧୬୪ ଜଣ ଖେଳାଳିଙ୍କୁ ଭାଗ ନେବାଲାଗି ପଠାଇଛି ।

*****